# Akashvani, Sambalpur

## SAMBALPURI NEWS EVENING BULLETIN

## 11 December 2024- 7.02 pm- 7.12 pm.

*********************************************

୧- ଗାଁ ଆର୍ ଗାଁର୍ ଲୁକ୍‌କର୍ ବିକାଶ୍ ଭାରତ୍‌କେ ଗୁଟେ ବିକଶିତ୍ ରାଷ୍ଟ୍ର ଭାବେ ଗଢ଼୍‌ବାର୍‌ଥି ବଡ଼ ଭୂମିକା ନେବା - କହେଲେ ରାଷ୍ଟ୍ରପତି ।

- ନୂଆଦିଲ୍ଲୀ ନ ଭିନ୍ ଭିନ୍ ବର୍ଗଥି ଓଡ଼ିଶାକେ ମିଲ୍‌ଲା ୭ ଟା ଜାତୀୟ ପଂଚାୟତ୍ ପୁରସ୍କାର୍ ।

୨- ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଭାରତ୍‌ର ଯୁଆନ୍ ମାନ୍‌କୁ ପୁର୍‌ଥି ନ ଶ୍ରେଷ୍ଠ ବନାବାର୍‌ଥି ଗୁଟେ ବଡ଼ ମଂଚ ହେଇପାରିଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଆଏଜ୍ ସର୍‌ଲା ୧୭ ନମ୍ବର୍ ବିଧାନ୍‌ସଭାର ଶୀତ୍‌କାଲୀନ୍ ଅଧିବେଶନ୍ ।

ଆଉର୍

୪- ରାଏଜେ ଆଲୁ ସାଇତିବାର୍ ଲାଗି ୫୮ ଟା ବ୍ଲକ୍ ନ ଶୀତଲ୍‌ଭଣ୍ଡାର୍ ଥାପ୍‌ନା କରାଯିବା ବଲି କହେଲେ ଉପମୁଖ୍ୟମନ୍ତ୍ରୀ ।

ରାଷ୍ଟ୍ରପତି- ପଂଚାୟତ୍ ପୁରସ୍କାର୍ ରାଷ୍ଟ୍ରପତି ଟ୍ୱିଟର୍

ଗାଁ, ଆଉ ଗାଁ ଲୁକ୍‌କର୍ ବିକାଶ୍, ସଶକ୍ତିକରଣ୍ ଭାରତ୍‌କେ ଗୁଟେ ବିକଶିତ୍ ରାଷ୍ଟ୍ର ଭାବେ ଗଢ଼୍‌ବାର୍‌ଥି ବଡ଼ ଭୂମିକା ନେବା ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀ ବିଜ୍ଞାନ୍ ଭବନ୍ ନ ଆଏଜ୍ ଜାତୀୟ ପଂଚାୟତ୍ ପୁରସ୍କାର୍-୨୦୨୪ ଦେବାର୍ ଅବ୍‌ସରେ ସମ୍ବୋଧନ୍ କରିକରି ରାଷ୍ଟ୍ରପତି କହିଛନ୍ ଯେ, ଗଲା ୧୦ ବଛ୍‌ରେ ଗାଁ ଇଲାକାର୍ ଲୁକ୍‌କର୍ ସଶକ୍ତିକରଣ୍ ଲାଗି ସର୍‌କାର୍ ବହୁତ୍‌ଟେ ଚେରେଷ୍ଟା କରିଛନ୍ । ରାଷ୍ଟ୍ରପତି ଆହୁରି କହିଛନ୍ ଯେ...

(ଭଏସ୍ ଓଭର୍- ରାଷ୍ଟ୍ରପତି)

ଇ କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ବର୍ଗଥି ସଫଲତା ଲାଗି ଓଡ଼ିଶାକେ ୭ ଟା ପୁରସ୍କାର୍ ଦିଆଯାଇଛେ । ଇତାର୍ ଭିତ୍‌ରେ ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ବଣେଇଗଡ଼ ବ୍ଲକ୍‌ର କେନ୍ଦ୍ରିକେଲା ପଂଚାୟତ୍‌କେ କାର୍ବନ୍ ନ୍ୟୁଟ୍ରଲ୍ ବିଶେଷ୍ ପଂଚାୟତ୍ ପୁରସ୍କାର୍ ବର୍ଗଥି ୨ ନମ୍ବର୍ ପୁରସ୍କାର୍ ଆଉ ରାଜ୍ୟ ଗ୍ରାମୀଣ୍ ବିକାଶ୍ ଆଉ ପଂଚାୟତ୍‌ରାଜ୍ ସଂସ୍ଥାନ୍‌କେ କ୍ଷମତା ନିର୍ମାଣ୍ ସଂସ୍ଥାନ୍ ପୁରସ୍କାର୍‌ଥି ୨ ନମ୍ବର୍ ପୁରସ୍କାର୍ ମିଳିଛେ । ସେନ୍ତା ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ କୋଇଡ଼ା ବ୍ଲକ୍‌ର କାସିରା ପଂଚାୟତ୍‌କେ ଗ୍ରାମଉର୍ଜା ସ୍ୱରାଜ୍ ବିଶେଷ୍ ପଂଚାୟତ୍ ପୁରସ୍କାର୍ ଦିଆଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ- ସ୍ମାର୍ଟ ଇଣ୍ଡିଆ ହାକାଥନ୍          ପିଏମ୍‌ଓ

ଆଗ୍‌କେ ଜ୍ଞାନ ଆର୍ ଉଭାବନ ଜରିଏ ହିଁ ଦୁନିଆ ଚାଲ୍‌ବା, ଇ ପରିସ୍ଥିତିଥି ଦେଶର୍ ଯୁଆନ୍ ପିଢ଼ି ଆଶା ଆଉ ଆକାଂକ୍ଷା ଆନ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ସ୍ମାର୍ଟ ଇଣ୍ଡିଆ ହାକାଥନ୍-୨୦୨୪ ଅବ୍‌ସରେ ଯୁଆନ୍ ଉଭାବକଙ୍କୁ ଆଭାସି ଜରିଏ ସମ୍ବୋଧନ୍ କରିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ଯେ, ଭାରତ୍ ପୁର୍‌ଥି ନ ସବୁନୁ ପ୍ରଗତିଶୀଳ, ଉଭାବକ, ଆଉ ସମୃଦ୍ଧ ଦେଶ୍ ହେଉ ବଲି ସମ୍‌କର୍ ଲକ୍ଷ୍ୟ । ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଭାରତ୍‌ର ଯୁଆନ୍ ମାନ୍‌କୁ ପୁର୍‌ଥି ନ ଶ୍ରେଷ୍ଠ ବନାବାର୍‌ଥି ଗୁଟେ ବଡ଼ ମଂଚ୍ ହେଇପାରିଛେ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ସ୍ମାର୍ଟ ଇଣ୍ଡିଆ ହାକାଥନ୍ ମୁଲ୍ ହେବାର୍ ଦିନୁ ୧୪ ଲାଖ୍ ଛାତ୍ରଛାତ୍ରୀ ଇଥି ଭାଗ୍ ନେଇଛନ୍ । ଇ ଛାତ୍ରଛାତ୍ରୀ ମାନେ ୯ ଲାଖ୍ ଟିମ୍ ଗଢ଼ିକରି ପାଖାପାଖି ୩ ହଜାର୍ ସମସ୍ୟା ଉପ୍‌ରେ କାମ୍ କରିଥିବା ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ସେନ୍ତା ଇଥି ୬ ହଜାର୍‌ନୁ ଅଏତ୍‌କା ସଂସ୍ଥା ଜୁଡ଼ି ହେଇଛନ୍ । ଇ ହାକାଥନ୍ ଜରିଏ ଶହେ ଟା ନୂଆଁ ଷ୍ଟାର୍ଟଅପ୍‌ର ଜନମ୍ ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

ହାକାଥନ୍- ଧର୍ମେନ୍ଦ୍ର ପ୍ରଧାନ୍          ଆର୍ଏନ୍ୟୁ/ କଟକ୍

ଦେଶେ ଛାତ୍ରଛାତ୍ରୀ ମାନେ ବିକଶିତ୍ ଭାରତ୍ର ମୁଖିଆ ପୁରୋଧା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଆଏଜ୍ ସ୍ମାର୍ଟ ଇଣ୍ଡିଆ ହାକାଥନ୍ର ୭ ନମ୍ବର୍ ସଂସ୍କରଣ୍କେ ଭର୍ଚ୍ୟୁଆଲ୍ ଜରିଏ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ଯେ, ଛାତ୍ରଛାତ୍ରୀମାନେ ନୂଆଁ ଉଭାବନ୍ ଆଉ ପୁର୍ଥି ନ ଦେଖାଦେଉଥିବା ଆହ୍ୱାନ୍ ମାନ୍କୁ ଗ୍ରହଣ୍ କରିକରି ସେତାର୍ ସମାଧାନ୍ ବାହାର୍ କର୍ବାର୍ଥି ବହୁତ୍ ବଢ଼ିଆଁ ସଫଲତା ହାସଲ୍ କରିଛନ୍ ।

ତାମିଲ୍ କବି ଶୁଭ୍ରମଣ୍ୟ ଭାରତୀ ଜୟନ୍ତୀ/ ଆର୍ଏନ୍ୟୁ ସମ୍ବଲପୁର

ଭୁବନେଶ୍ୱର୍ ଲୋକ୍ସେବା କନ୍ଭେନ୍ସନ୍ ସେଂଟର୍ ଠାନେ ଆଏଜ୍ ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବ୍ ଅନୁଷ୍ଠିତ୍ ହେଇଛେ । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇଂରାଜୀ ଭାଷା ସଂଯୋଗ୍ର ଭାଷା ହେଇପାରେ, ହେଲେ ମାତୃଭାଷାର୍ ବିକଳ୍ପ ନୁହେଁ ଆଏ ବଲି କହିଛନ୍ । ହେଥିର୍ଲାଗି ରାଜ୍ୟ ସର୍କାର୍ ଓଡ଼ିଆ ଭାଷାର୍ ବେଭାର୍ ଉପ୍ରେ ଜୋର୍ ଦେଉଛନ୍ ।

ସର୍କାରୀ ଫାଇଲ୍‌କେ ଓଡ଼ିଆ ଭାଷାଥି କର୍‌ବାର୍ ଲାଗି ଦୃଢ଼୍ ନିର୍ଦ୍ଦେଶ୍ ଦିଆଯାଇଛେ । ବହୁତ୍‌ଟେ ବିଭାଗ୍ ନ ଓଡ଼ିଆ ଭାଷାଥି ଫାଇଲ୍ କାମ୍ ମୁଲ୍ ହେଲାନ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ତାମିଲ୍ ମହାକବି ଶୁଭ୍ରମଣ୍ୟ ଭାରତୀଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ଭାରତୀୟ ଭାଷା ଉତ୍ସବ୍ ପାଲନ୍ କରାଯାଉଛେ । ଇ ବଛର୍ ଭାରତୀୟ ଭାଷା ଉତ୍ସବ୍‌ର ବିଷେ ହେଉଛେ 'ଭାଷା ଜରିଏ ଏକତା' । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଇଟା ଉତ୍ସବ୍ ନୁହେଁ, ଆମର୍ ସଂସ୍କୃତି ଆଉ ଗୌରବ୍‌ର ପ୍ରତୀକ୍, ଭାଷା ଭିତିକ ବିବିଧତା ଆମର୍ ସବୁଠାନୁ ବଡ଼ ଶକ୍ତି ।

ବିଧାନ୍‌ସଭା ଅଧିବେଶନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

୧୭ ନମ୍ବର୍ ବିଧାନ୍‌ସଭାର ୨ ନମ୍ବର୍ ଆର୍ ଶୀତ୍ ଅଧିବେଶନ୍ ଆଏଜ୍ ସରିଛେ । ଅଧିବେଶନ୍‌ଥି ସବୁ ମିଶିକରି ୩୦ ଟା କାର୍ଯ୍ୟଦିବସ୍ ଧାରିଜ୍ ହେଇଥିବାର୍ ବେଲେ ୧୨ ଟା କାର୍ଯ୍ୟଦିବସ୍ ସର୍‌ବାର୍ ଉତ୍‌ରୁ ବାଚସ୍ପତି ସୁରମା ପାଢ଼ୀ ଅଧିବେଶନ୍‌କେ ଅନିର୍ଦ୍ଦିଷ୍ଟ ସମିଆ ଲାଗି ମୁଲ୍‌ତବୀ ଘୋଷ୍‌ନା କରିଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ଇ ଅଧିବେଶନ୍ ଗଲା ମାସର୍ ୨୬ ତାରିଖ୍‌ନୁ ମୁଲ୍ ହେଇଥିଲା । ଇ ଅଧିବେଶନ୍ ସମିଆଥି ୪ ଟା ବିଲ୍ ଉପସ୍ଥାପନ୍ କରାଯାଇଥିଲା ଆଉ ୩

ଟା ବିଲ୍‌କେ ପାସ୍ କରାଯାଇଛେ । ଇନ ୫ ଟା ଅତିରିକ୍ତ ଖର୍ଚ୍ଚ ଦାବି ଉପ୍‌ରେ ଭିଲ୍ ଆଲୋଚନା କରାଯାଇଥିଲା । ହେନ୍ତା ସିଏଜିଙ୍କର୍ ୮ ଟା ରିପୋର୍ଟ, ୧୦ ଟା ଘରୋଇ ସଭ୍ୟ ବିଲ୍, ଭିନ୍ ଭିନ୍ କମିଟିର୍ ୩ ଟା ରିପୋର୍ଟ, ୮ ଟା ବାର୍ଷିକ୍ ରିପୋର୍ଟ ବିଧାନ୍‌ସଭା ନ ଉପସ୍ଥାପନ୍ କରାଯାଇଥିଲା ।

ବିଧାନ୍‌ସଭା - ଆଲୁ ଚାଷ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ଇ ବଛର୍ ରବି ଋତୁଥି ୬୪ କୋଟି ୧୭ ଲାଖ୍ ଟଙ୍କା ଖର୍ଚ୍ଚାଥି ଆଲୁ ଚାଷ୍ କର୍‌ବାର୍ ଲାଗି ବ୍ୟବସ୍ଥା କରିଛନ୍ । ଆଲୁ ଚାଷ୍‌କେ ତହଁକାବାର୍ ଉଦ୍ଦେଶ୍ୟଥି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଚଲ୍‌ତି ବଛର୍‌ର ଇହାଦେତକ୍ ୧ ଲାଖ୍ ୩୭ ହଜାର୍ ୨ ଶହ ୨୯ କୁଇଂଟାଲ୍ ଉନ୍ନତ୍ ମାନର୍ ଆଲୁ ବିହନ୍ ଜିଲ୍ଲାମାନ୍‌କୁ ଗଲା ମାସର୍ ପହେଲା ହପ୍ତାନୁ ପଠାଯାଇଛେ ବଲି କୃଷି ବିଭାଗ୍ ଦାୟିତ୍ୱଥି ଥିବା ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ବିଧାନ୍‌ସଭା ନ କହିଛନ୍ । ବିଧାୟକ୍ ମାନସ୍ କୁମାର୍ ଦତଙ୍କର୍ ମୂଳପ୍ରଶ୍ନ ଆଉ ଅତିରିକ୍ତ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ଯେ, ରାଜ୍ୟକେ ଆଲୁ

ଉତ୍ପାଦନ୍‌କେ ସ୍ୱାବଲମ୍ବୀ କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ବହୁତ୍‌ଟେ କାର୍ଯ୍ୟକ୍ରମ୍ ହାତ୍‌କେ ନିଆଯାଇଛେ ।

ଏଛେନ୍‌ତକ୍ ଚାଷୀମାନ୍‌କୁ ୧ ଲାଖ୍ ୩୭ ହଜାର୍ ୨ ଶହ ୩୦ କ୍ୱିଂଟାଲ୍ ବିହନ୍ ଯୁଗେଇ ଦିଆଯାଇଛେ । ସେନ୍ତା ନଦୀ ବାଲି ନ ଆଲୁ ଚାଷ୍ ଲାଗି କୃଷି ବିଭାଗ୍ ତର୍‌ଫୁ ସର୍ଭେ କର୍‌ବାର୍‌କେ ଗୁଟେ ଟିମ୍ ପଠାଯିବା । ରାଏଜେ ୫୮ ଟା ବ୍ଲକ୍ ନ ହାଇବ୍ରିଡ୍ ମୋଡ଼ଥି ଶୀତଲ୍‌ଭଣ୍ଡାର୍ ଥାପ୍‌ନା ଲାଗି ପଦକ୍ଷେପ୍ ନିଆଯାଉଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ନାଇପର୍-ଧର୍ମେନ୍ଦ୍ର ପ୍ରଧାନ୍            ପ୍ରେସ୍ ରିଲିଜ୍

ଓଡ଼ିଶା ନ ଗୁଟେ ନେସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସିଉଟିକାଲ୍ସ ଏଜୁକେସନ୍ ଆର୍ ରିସାର୍ଚ୍ଚ- ନାଇପର୍ ପ୍ରତିଷ୍ଠା କର୍‌ବାର୍ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ରାଷ୍ଟ୍ରମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡାଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଅନୁରୋଧ୍ କରିଛନ୍ । ଶ୍ରୀ ପ୍ରଧାନ୍ ଚିଠିଥି ଲେଖିଛନ୍ ଯେ, ଓଡ଼ିଶା ନ ନାଇପର୍ ପ୍ରତିଷ୍ଠାର୍ ଦର୍‌କାର୍ ରହିଛେ । ଇ ପଦକ୍ଷେପ୍ ପୂର୍ବ ଭାରତ୍ ନ ଔଷଧ ଆର୍ ବାୟୋଟେକ୍ କ୍ଷେତ୍ର ନ ବଡ଼ ଯୋଗଦାନ୍ ଦେବା । ଭୁବ୍‌ନେଶ୍ୱର୍‌ର ଓଡ଼ିଶା ବାୟୋଟେକ୍ ପାର୍କ ହେଉଛେ ପୂର୍ବ ଭାରତ୍‌ର ପହେଲା

ପାର୍କ, ଯେନକି ବାୟୋଟେକ୍ନୋଲୋଜି ଶିଳ୍ପ ଆର୍ ଆନୁସଙ୍ଗିକ ସେବା ଲାଗି ସୁବିଧା ରହିଛେ ।

ସାନ୍ତାଳି ସମାଚାର୍-ଦୂରଦର୍ଶନ୍ ପି.ଆଇ.ବି.

ଡିଡି ଓଡ଼ିଆ ଚେନାଲ୍‌ଥି ସାନ୍ତାଳି ଭାଷାଥି ସମାଚାର୍ ପ୍ରସାରଣ୍ ଶୁଭାରମ୍ଭ ହେଇଛେ । ଆଏଜ୍ ଦିନ୍‌ବେଲର୍ ୧୧ ବଜେ ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ରନୁ ପ୍ରସାରଣ୍ କରାଯାଇଛେ । ସାନ୍ତାଳି ଭାଷାଥି ସମାଚାର୍ ମୁଲ୍ ହେଇଥିବାର୍‌ନୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖୁସି ଜାହିର୍ କରିଛନ୍ ଆଉ ଦୂରଦର୍ଶନ୍ ଆଉ ସୂଚନା ଆଉ ପ୍ରସାରଣ ମନ୍ତ୍ରଣାଳୟକେ ଧନ୍ୟବାଦ୍ ଜନେଇଛନ୍ । ଭୁବନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ରଠାନେ ହେଇଥିବା ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ଥି ପତ୍ର ସୂଚନା କାର୍ଯ୍ୟାଳୟ ଆଉ କେନ୍ଦ୍ରୀୟ ସଂଚାର୍ ବ୍ୟୁରୋ ଓଡ଼ିଶା ଶାଖାର୍ ଅତିରିକ୍ତ ମହାନିର୍ଦ୍ଦେଶକ୍ ଅଖିଲ୍ କୁମାର୍ ମିଶ୍ର ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇଥିଲେ । ଇଥି ଆଂଚଲିକ୍ ସମାଚ୍ାର ପ୍ରଭାଗର ମୁଖ୍ୟ ଆଉ ଉପନିର୍ଦ୍ଦେଶକ୍ ଅଭିଷେକ୍ ମିଶ୍ର ସାନ୍ତାଳି ସମାଚାର୍ ମୁଲ୍ ହେବାର୍ ବାବ୍‌ଦେ ବର୍ଣ୍ଣନା କରିଥିଲେ ।

ଜାତୀୟ ଶିକ୍ଷାନୀତି-ଭିସୁଟ୍ ସମ୍ବଲପୁର ସମ୍ବାଦଦାତା

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଲୟ-ଭିଏସ୍ଏସ୍ୟୁଟି ଠାନେ ଜାତୀୟ ଶିକ୍ଷାନୀତି ଉପ୍ରେ ଆଏଜ୍ ଗୁଟେ କର୍ମଶାଳା ହେଇଯାଇଛେ । ଇନ ବିଶ୍ୱବିଦ୍ୟାଳୟ ନ ନୂଆଁ ଶିକ୍ଷାନୀତିର୍ ବେଭାର୍ ଉପ୍ରେ ବୈଷୟିକ ଅଧିବେଶନ୍‌ମାନେ ହେଇଥିଲା । ନିର୍ବାହୀ କୁଳପତି ବିଭୂତି ଭୂଷଣ୍ ପତି କର୍ମଶାଳାକେ ଉଦ୍‌ଘାଟନ୍ କରିଥିଲେ ।

ଲୋକ୍‌ଅଦାଲତ ଆର୍‌ଏନ୍‌ୟୁ / ସମ୍ବଲପୁର

ଇ ବଛର୍ ଶେଷ୍ ଆର୍ ୪ ନମ୍ବର୍ ଲୋକ୍‌ଅଦାଲତ୍ ଆଏବା ୧୪ ତାରିଖ୍ ଦିନ ହେବା । ସମ୍ବଲ୍‌ପୁର୍ ଜିଲ୍ଲା ନ୍ୟାୟାଳୟ ସହେତେ କୁଚିଣ୍ଡା ଆର୍ ରେଢ଼ାଖୋଲ୍ କୋର୍ଟ ମାନ୍‌କେ ସେଦିନ ଏକାସାଙ୍ଗେ ଲୋକଅଦାଲତ୍ ହେବା ବଲି ଜନାପଡ଼ିଛେ । ଇନ ସାଲିସ୍ ହେବାର୍ ଲାଏକର୍ ଅପରାଧୀକ୍, ଚେକ୍ ବାଉନ୍ସ, ବେଙ୍କ ଋଣ, ରାଜସ୍ୱ, ମୋଟର୍ ଦୁର୍ଘଟଣା ବୀମା, ବିଜ୍‌ଲି, ପାଏନ୍ ଆର୍ ଅଲ୍‌ଗା ବିଲ୍, ବୈବାହିକ ବିବାଦ୍ ବାଗିର୍ ବିଚାରାଧୀନ୍ ମାମ୍‌ଲାମାନ୍‌କର୍ ଆପୋଷି ସହମତିଥି ସମାଧାନ୍ କରାଯିବା ବଲି ଜନାପଡ଼ିଛେ ।

କୃଷି - କୃଷି ଯନ୍ତ୍ରପାତି ମେଳା ବର୍‌ଗଡ୍‌ ସମ୍ବାଦଦାତା

ବର୍‌ଗଡ୍‌ ଜିଲ୍ଲା ପ୍ରଶାସନ୍‌ ଆଉ କୃଷକ୍‌ ସଶକ୍ତିକରଣ୍‌ ବିଭାଗ୍‌ ତର୍‌ଫୁ ଜର୍ଜ ହାଇସ୍କୁଲ୍‌ ପଡ଼ିଆ ଠାନେ ଜିଲ୍ଲାସ୍ତରୀୟ କୃଷି ଆଉ କୃଷି ଯନ୍ତ୍ରପାତି ମେଳା ଆଏଜ୍‌ ମୁଲ୍‌ ହେଇଛେ । ଉଦ୍‌ଘାଟନୀ ସମାରୋହ ନ ଜିଲ୍ଲା ପରିଷଦ୍‌ ଅଧ୍ୟକ୍ଷା ମାନିନୀ ଭୋଇ, ବର୍‌ଗଡ୍‌ ନଗର୍‌ପାଲ୍‌ କଳ୍ପନା ମାଝୀ ଆଉ ଅଲ୍‌ଗା ସିଆନ୍‌ ସୁଜନ୍‌ ଆଉ ଅଧିକାରୀମାନେ ଉପସ୍ଥିତ୍‌ ଥିଲେ ।

ଜିଲ୍ଲାସ୍ତରୀୟ ବାଲ୍‌ବୈଜ୍ଞାନିକ୍‌ ପ୍ରଦର୍ଶନୀ ସମ୍ବଲ୍‌ପୁର୍‌ ସମ୍ବାଦଦାତା

ସମ୍ବଲ୍‌ପୁର୍‌ ଜିଲ୍ଲା ରେଙ୍ଗାଲି ବ୍ଲକ୍‌ ନୂଆଁ ରମ୍ଭେଲା ହାଇସ୍କୁଲ୍‌ଠାନେ ଆଏଜ୍‌ ଜିଲ୍ଲାସ୍ତରୀୟ ବାଲ୍‌ବୈଜ୍ଞାନିକ୍‌ ପ୍ରଦର୍ଶନୀ ହେଇଥିଲା । ଇଥି ୯ଟା ବ୍ଲକ୍‌ ଆଉ ସମ୍ବଲ୍‌ପୁର୍‌ ମହାନଗର୍‌ ନିଗମ୍‌ନୁ ପରିବହନ୍‌, ଯୋଗାଯୋଗ, ବର୍ଜ୍ୟବସ୍ତୁ ପରିଚାଳନା, କୃଷି, ଖାଦ୍ୟ, ବାଗିର୍‌ ଭିନ୍‌ ଭିନ୍‌ ବିଷେ ଉପ୍‌ରେ ଛାତ୍ରଛାତ୍ରୀମାନେ ଶହେ ୨୬ ଟା ପ୍ରକଳ୍ପ ପ୍ରଦର୍ଶନ୍‌ କରିଥିଲେ ।